# ଜାନୁୟାରୀ ୧୫ରୁ ପାଠପଢ଼ା

## ଓଡ଼ିଶା ଷ୍ଟେଟ୍ ଓପନ ୟୁନିଭରସିଟି

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)– ରାଜ୍ୟର ପ୍ରଥମ ସରକାରୀ ମୁକ୍ତ ବିଶ୍ୱବିଦ୍ୟାଳୟ 'ଓଡ଼ିଶା ଷ୍ଟେଟ୍ ଓପନ୍ ୟୁନିଭରସିଟି'ରେ ଜାନୁୟାରୀ ୧୫ରୁ ପାଠପଢ଼ା ଆରମ୍ଭ ହେବ। ଏଥିପାଇଁ ଭିତ୍ତିଭୂମି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବିଶ୍ୱବିଦ୍ୟାଳୟର ଓଏସ୍‌ଡି (ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି) ଡ. ଶ୍ରୀକାନ୍ତ ମହାପାତ୍ର କହିଛନ୍ତି, ପ୍ରଥମ ବ୍ୟାଚ୍ ଲାଗି ନାମଲେଖା ଶେଷ ହୋଇଛି। ମୋଟ୍ ୫୭୩ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୨୨୨ ଜଣ ନାମ ଲେଖାଇଛନ୍ତି। ଚଳିତବର୍ଷ ଏଠାରେ ୬ଟି ବିଷୟରେ ପାଠପଢ଼ା ହେବ। ସେଗୁଡ଼ିକ ମଧ୍ୟରେ ଡିପ୍ଲୋମା ଇନ୍ ଜର୍ନାଲିଜମ୍ ଆଣ୍ଡ ମାସ୍ କମ୍ୟୁନିକେଶନ, ଡିପ୍ଲୋମା ଇନ୍ ରୁରାଲ ଡେଭଲପ୍‌ମେଣ୍ଟ, ଡିପ୍ଲୋମା ଇନ୍ ସାଇବର ସିକ୍ୟୁରିଟି, ଡିପ୍ଲୋମା ଇନ୍ କମ୍ପ୍ୟୁଟର ଆପ୍ଲିକେଶନ, ଡିପ୍ଲୋମା ଇନ୍ ମ୍ୟାନେଜମେଣ୍ଟ ପ୍ରମୁଖ ରହିଛି।

ଏହି ୬ଟି କୋର୍ସ ବ୍ୟତୀତ ସାର୍ଟିଫିକେଟ୍ କୋର୍ସ ଇନ୍ କମ୍ୟୁନିକେଶନ ସ୍କିଲ ଇନ୍ ଇଂଲିଶ ଶିକ୍ଷା ପ୍ରଦାନ କରାଯିବ। ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ପୁରୀରେ ରିଜିଓନାଲ ସେଣ୍ଟରେ ଖୋଲାଯିବ। ସେହିଭଳି ସମ୍ବଲପୁର, ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ଜୟପୁର, ବରଗଡ, ରାଉରକେଲା, ବାରିପଦା, କଳାହାଣ୍ଡି, ସୁବର୍ଣ୍ଣପୁର, ଯାଜପୁର, ନବରଙ୍ଗପୁରରେ ମୋଟ ୧୨ଟି ଷ୍ଟଡି ସେଣ୍ଟର ଖୋଲାଯିବ। ପ୍ରାଥମିକ ପର୍ଯ୍ୟାୟରେ ଯେଉଁ ଜିଲାରେ ରିଜିଓନାଲ ସେଣ୍ଟର ଖୋଲାଯିବ ସେହି ଜିଲାଗୁଡ଼ିକରେ ଷ୍ଟଡି ସେଣ୍ଟର ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଜିଲାଗୁଡ଼ିକରେ ଖୋଲାଯିବ। ଚଳିତବର୍ଷ ସର୍ବାଧିକ ୧୧୩ ଛାତ୍ରୀଛାତ୍ର ଡିପ୍ଲୋମା ଇନ୍ ଜର୍ନାଲିଜମ୍ ଆଣ୍ଡ ମାସ୍ କମ୍ୟୁନିକେଶନ ବିଭାଗରେ ନାମ ଲେଖାଇଛନ୍ତି। ଆସନ୍ତା ଜାନୁୟାରୀ ୧୫ ତାରିଖଠାରୁ ଏଠାରେ ପାଠପଢ଼ା ଆରମ୍ଭ ହେବାକୁ ଥିବାରୁ ଏ ସଂକ୍ରାନ୍ତରେ ଶୁକ୍ରବାର ବିଜେବି କଲେଜରେ ଅଧ୍ୟକ୍ଷ ମହମ୍ମଦ ନୱାଜ ହାସନଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଷ୍ଟଡି ମ୍ୟାଟେରିଆଲ, ଛାତ୍ରୀଛାତ୍ରଙ୍କ ପରିଚୟ ପତ୍ର, ପରୀକ୍ଷା ଓ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ବିଜେବି କଲେଜରେ ଏକ ଷ୍ଟଡି ସେଣ୍ଟର ଖୋଲାଯିବ ବୋଲି ଡ. ମହାପାତ୍ର କହିଛନ୍ତି । ସୂଚନା ମୁତାବକ, ଗତ ଫେବ୍ରୁୟାରୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରଠାରେ ଏହି ବିଶ୍ୱବିଦ୍ୟାଳୟ କ୍ୟାମ୍ପସର ଉଦ୍‌ଘାଟନ କରିଥିଲେ।